*This Question Paper contains 16 printed pages.*
***(Part - A & Part - B)***

Sl.No. 0100109

# 09 (O)

**(MARCH, 2019)**

| |
|---|
| પ્રશ્ન પેપરનો સેટ નંબર જેની સામેનું વર્તુળ **OMR** શીટમાં ઘટ્ટ કરવાનું રહે છે. **Set No. of Question Paper circle against which is to be darken in OMR sheet.** |
| **01** |

**Part - A : Time : 1 Hour / Marks : 50**

**Part - B : Time : 2 Hours / Marks : 50**

## (Part - A)

***Time : 1 Hour]*** ***[Maximum Marks : 50***

ସୂଚନା :

1) ଏହି ପ୍ରଶ୍ନପତ୍ରରେ ମୋଟ ୫୦ଟି ପ୍ରଶ୍ନ ରହିଛି ।
2) ପ୍ରତ୍ୟେକ ପ୍ରଶ୍ନପାଇଁ ଚାରୋଟି ଲେଖାଏଁ ବିକଳ୍ପ ଉତ୍ତର ରହିଛି ।
3) ଠିକ୍ ଉତ୍ତର ପାଇଁ **O.M.R.** ରେ ● କରନ୍ତୁ ।
4) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଇଁ ୧ ମାର୍କ ଲେଖାଏଁ ରହିଛି ।
5) ପ୍ରତ୍ୟେକ ପ୍ରଶ୍ନର ଉତ୍ତର **O.M.R.** ରେ ● କରିବା ବାଧ୍ୟତାମୂଳକ ଅଟେ ।

---

**1)** ଆଦି କବି କିଏ ?

(A) ଗଙ୍ଗାଧର ମେହେର

(B) ସାରଳା ଦାସ

(C) ଫକୀର ମୋହନ ସେନାପତି

(D) ବଳଦେବ ରଥ

**2)** ଧୃତରାଷ୍ଟ୍ରଙ୍କର କେତୋଟି କନ୍ୟା ଥିଲା ?

(A) 1

(B) 2

(C) 100

(D) 99

3) ପାଣ୍ଡବେ ନୋହନ୍ତି ଯେ ଦ୍ରୌପଦୀ ________

(A) ପାଞ୍ଚ ପିତା

(B) ପାଞ୍ଚ କନ୍ୟା

(C) ପାଞ୍ଚ ମାଆ

(D) ପାଞ୍ଚ ବସ୍ତ୍ର

4) ''ଛାନ୍ଦଭୂଷଣ'' କାହାର କୃତି ?

(A) ବ୍ୟାସକବି

(B) କବିବର

(C) କବିସମ୍ରାଟ

(D) ପ୍ରକୃତିକବି

5) ସମୁଦ୍ରରେ ସେତୁବନ୍ଧ ସ୍ଥାପନା ପାଇଁ ଶ୍ରୀରାମଚନ୍ଦ୍ର କାହାକୁ ପ୍ରାର୍ଥନା କରିଥିଲେ ?

(A) ହନୁମାଙ୍କଡ଼

(B) ବୃହସ୍ପତି

(C) ବରୁଣ

(D) କୁମ୍ଭକର୍ଣ୍ଣ

6) ଅଙ୍ଗଦର ପିତା ଶତ୍ରୁ କିଏ ବୋଲି ରାବଣ କହିଥିଲା ?

(A) ସୁଗ୍ରୀବ

(B) ରାବଣ

(C) ସୁକ

(D) ଶ୍ରୀରାମଚନ୍ଦ୍ର

7) ଊନବିଂଶ ଶତାବ୍ଦୀରେ ବଙ୍ଗ-ବିହାର-ଓଡ଼ିଶାର ବିଦ୍ୟାଳୟ ସମୂହର ଇନ୍‌ସପେକ୍ଟର କିଏ ଥିଲେ ?

(A) ଗୋପବନ୍ଧୁ ଦାସ

(B) ବଳଦେବ ରଥ

(C) ରାଧାରାଥ ରାୟ

(D) ରାଧାନାଥ ରାୟ

8) ''ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ'' - ଏକଥା କାହାକୁ ଲକ୍ଷ୍ୟ କରି କୁହାଯାଇଛି ?

(A) ଭକ୍ତକବି

(B) ପ୍ରକୃତି କବି

(C) କବିବର

(D) କବିସୂର୍ଯ୍ୟ

9) ପୋତପାଳମାନେ କେଉଁଠାରେ ମଶାଲ ଜାଳିଛନ୍ତି ବୋଲି କବି କହିଛନ୍ତି ?

(A) ବଣରେ

(B) ପାହାଡ଼ ଉପରେ

(C) ଘରେ

(D) ନୌକାରେ

10) ''ଊଷା'' ର ପୋଷାକ କିପରି ଥିଲା ?

(A) ଅରୁଣ

(B) ଧଳା

(C) କଳା

(D) ବାଇଗଣି

11) ''ମୁନି-ମୁଖ-ବେଦ-ସ୍ୱନ'' କେଉଁଠାରେ ପୂର୍ଣ୍ଣ ହୋଇଥିଲା ?

(A) ଜନଗହଳିରେ

(B) ସମୁଦ୍ର ମଧ୍ୟରେ

(C) ଖେଳପଡ଼ିଆରେ

(D) ଶ୍ୟାମବନରେ

12) ''ଭାଗ୍ୟବତୀ ମୋତେ ସଂସାରେ'' ଏଠାରେ ଭାଗ୍ୟବତୀ କିଏ ?

(A) ତମସା

(B) ଆଶ୍ରମ

(C) ସତୀ ସୀତା

(D) ଉଷା

13) ''ବିକଚ୍ ରାଜୀବ ଦୃଶା'' ଅର୍ଥାତ୍ କ'ଣ ?

(A) ପ୍ରସ୍ଫୁଟିତ ପଦ୍ମଫୁଲ ସଦୃଶ୍ୟ ଆଖି ଯାହାର ।

(B) ପ୍ରସ୍ଫୁଟିତ ପଦ୍ମଫୁଲର ପାଖୁଡ଼ା ସଦୃଶ୍ୟ ଯାହାର ।

(C) ପ୍ରସ୍ଫୁଟିତ ପଦ୍ମଫୁଲର ସୌନ୍ଦର୍ଯ୍ୟଯୁକ୍ତ ଯିଏ ।

(D) ପ୍ରସ୍ଫୁଟିତ ପଦ୍ମଫୁଲ ସଦୃଶ ମୁଖ ଯାହାର ।

14) ''ଜାଗ ବନ୍ଧନ ହରା'' କବିତାରେ କବି ଯୁବକମାନଙ୍କୁ କେଉଁ ଯୁଗର ସତର୍କତା ଶୁଣାଇଛନ୍ତି ?

(A) ନୂତନ ପ୍ରସ୍ତର ଯୁଗ

(B) ନବୀନ ଯୁଗ

(C) ପରମାଣୁ ବୋମା ଯୁଗ

(D) ପ୍ରାକ୍ ଐତିହାସିକ ଯୁଗ

15) ''ଅବାନ୍ତର'' କାହାର କୃତି ?

(A) ଅନନ୍ତ ପାଣିଗ୍ରାହୀ

(B) ଅନନ୍ତ ସାହୁ

(C) ଅନନ୍ତ ସାମଲ

(D) ଅନନ୍ତ ପଟ୍ଟନାୟକ

16) କବି କବିତାରେ କ'ଣ ଲୁପ୍ତ ହେବା ପାଇଁ କହିଛନ୍ତି ?

(A) ପର୍ବପର୍ବାଣୀ  (B) ଯୌତୁକ ପ୍ରଥା

(C) ବାଲ୍ୟବିବାହ ପ୍ରଥା  (D) ଜାତିପ୍ରଥା

17) ମାନବ ଶରୀରରୁ କ'ଣ ପୋଛିଦେବା ପାଇଁ କବି କହିଛନ୍ତି ?

(A) ଝାଳ

(B) ମଇଳା

(C) ଇଜ୍ଜତ

(D) ଅପମାନ

18) ''ସଞ୍ଚିତ'' କେଉଁ ପଦ ?

(A) ବିଶେଷ୍ୟ  (B) ବିଶେଷଣ

(C) ସର୍ବନାମ  (D) ଅବ୍ୟୟ

19) ସର୍ବଂସହା କିଏ ?

(A) ବାପା

(B) ଝିଅ

(C) ମାଆ

(D) ପୁଅ

20) ଦେବଭୂମି ଓ ବୀରଭୂମି କିଏ ?

(A) ପାକିସ୍ଥାନ

(B) ଭାରତ

(C) ଅଯୋଧ୍ୟା

(D) ମଥୁରା

21) କେଉଁଠି ହଜିଛି ଖୋଜି ଦିଏ ମୋର __________ ର ଚାବିକାଠି ?

(A) ଭାବନା

(B) ଚେତନା

(C) ପ୍ରେରଣା

(D) କାନ୍ଦନା

22) ଶ୍ରୀକୃଷ୍ଣଙ୍କର ନବସଂସାରର ମଦ୍ୟପ ବଂଶଗୋଷ୍ଠୀ ଓ ସାଙ୍ଗସାଥି କେଉଁଠାରେ ଧ୍ୱଂସ ହୋଇଗଲେ ?

(A) ହିମାଳୟରେ

(B) ଏରକାର ବନରେ

(C) ସାପୁତାରାରେ

(D) କଳିଙ୍ଗା ଘାଟିରେ

23) ''ପୁନର୍ଜନ୍ମ'' ପାଇଁ କେଉଁ ସନ୍ଧିଟି ଉପଯୁକ୍ତ ?

(A) ପୁନର + ଜନ୍ମ

(B) ପୁନ + ଜନ୍ମ

(C) ପୁନ + ର୍ଜନ୍ମ

(D) ପୁନଃ + ଜନ୍ମ

24) ଏକ ପରିବାରତନ୍ତ୍ରର ପରମ୍ପରା ସାଧାରଣତଃ କେଉଁଠାରେ ଦେଖିବାକୁ ମିଳେ ?

(A) ସହର (B) ବଜାର

(C) ଗ୍ରାମ (D) ଦୋକାନ

25) ''ଦରିଆ ପାରିର ସୁନା'' କାହାର କୃତି ?

(A) ବଂଶୀଧର ସାମଲ (B) ହରିବଂଶରାୟ ବଚ୍ଚନ

(C) ଅମିତାଭ୍ ବଚ୍ଚନ (D) ବଂଶୀଧର ସାମନ୍ତରାୟ

26) ମାନବର ସର୍ବାଙ୍ଗୀନ ଉନ୍ନତି କିଏ ?

(A) ଭାଗ୍ୟ

(B) ସାଧନ

(C) ସାହାର୍ଯ୍ୟ

(D) ନିଜର ସ୍ତ୍ରୀ

27) ''ଜଡ଼ ବିଜ୍ଞାନ'' ମୂଳରେ କେଉଁ ଶାସ୍ତ୍ର ଅନ୍ତର୍ଭୁକ୍ତ ?

(A) ବିଜ୍ଞାନ

(B) ଇତିହାସ

(C) ଗଣିତ

(D) ଅର୍ଥନୀତି

28) କାହାଦ୍ୱାରା ତୁଙ୍ଗ ଗିରିକୁ ଫଟାଇ ଧ୍ୱଂସସାଧନ ହୁଏ ?

(A) ଚିତା ବାଣ

(B) କଲେରା ବାଣ

(C) କୁମ୍ଭି ବାଣ

(D) ଡିନାମାଏଟ୍

29) ଗାନ୍ଧିଜୀ ମାତୃଭାଷାକୁ କ'ଣ ବୋଲି ମନେ କରୁଥିଲେ ?

(A) ସ୍ୱର୍ଗପୁର

(B) ବୈକୁଣ୍ଠପୁର

(C) ମାତୃସ୍ତନ୍ୟ

(D) ଭାରତଭୂମି

30) ଶାସିତଙ୍କୁ ଶାସକଙ୍କଠାରୁ ଦୂରରେ ରଖିଛି ____________ ଭାଷା ।

(A) ଇଁରାଜୀ
(B) ଓଡ଼ିଆ
(C) ତେଲୁଗୁ
(D) ଗୁଜୁରାତି

31) ଜନତାର ସାମୁହିକ ଶିକ୍ଷାପାଇଁ ____________ ହିଁ ପ୍ରକୃତ ମାଧ୍ୟମ ।

(A) ଇଁରାଜୀ
(B) ମାତୃଭାଷା
(C) ଉର୍ଦ୍ଦୁ ଭାଷା
(D) ତାମିଲ ଭାଷା

32) ମାତୃଭାଷା ପାଇଁ ____________ ଓ ମାତୃଭାଷାର ଉନ୍ନତି ସାଧନ କାମ୍ୟ ।

(A) ଗର୍ବ
(B) ଅପମାନ
(C) ପ୍ରଶଂସା
(D) ଅଭିମାନ

33) ଶରତ କୁମାର ମହାନ୍ତିଙ୍କର ଜନ୍ମ କେବେ ହୋଇଥିଲା ?

(A) 1938

(B) 1940

(C) 2008

(D) 1947

34) ''ସ୍ୱାମୀ ଅଭେଦାନନ୍ଦ''ଙ୍କର ଗୁରୁ କିଏ ଥିଲେ ?

(A) ଠାକୁର ଅନୁକୁଳଚନ୍ଦ୍ର

(B) ବାପା ହରିଓଁ

(C) ରାମକୃଷ୍ଣ ପରମହଂସ

(D) ସ୍ୱାମୀ ବିବେକାନନ୍ଦ

35) ସ୍ୱାମୀ ବିବେକାନନ୍ଦଙ୍କର ଯାତ୍ରା ପରିଭ୍ରମଣ କେଉଁଠାରୁ ଆରମ୍ଭ ହୋଇଥିଲା ?

(A) ଜୟପୁର

(B) ବରାହନଗର

(C) ରାଜପୁତନା

(D) ବମ୍ବେ

36) ଖ୍ରୀଷ୍ଟିୟାନ ମିଶନାରୀମାନେ କେବେ ଓଡ଼ିଶାରେ ମିଶନ ସ୍କୁଲମାନ ପ୍ରତିଷ୍ଠା କରିଥିଲେ ?

(A) 1922

(B) 1899

(C) 1822

(D) 1921

37) ''ଦୁର୍ଯ୍ୟୋଧନଙ୍କର ରକ୍ତନଦୀ ସନ୍ତରଣ'' କାହାର କୃତି ।

(A) ରାଧାମୋହନ ଗଡ଼ନାୟକ

(B) ୱିଲିୟମ୍ ସେକ୍ସପିୟର୍

(C) ଅଭିଷେକ ବଚ୍ଚନ

(D) ରାଧାନାଥ ରାୟ

38) ସତ୍ୟବାଦୀଯୁଗର କର୍ଣ୍ଣଧାର କିଏ ?

(A) ସିଦ୍ଧାନ୍ତ

(B) ରଚ଼ନା

(C) ଗୋପବନ୍ଧୁ ଦାସ

(D) କୁନ୍ତଳା କୁମାରୀ ସାବତ

39) ''ବ୍ରହ୍ମାନନ୍ଦ''ର ସନ୍ଧିରୂପ କ'ଣ ?

(A) ବ୍ରହ୍ମା + ଆନନ୍ଦ

(B) ବ୍ରହ୍ମ + ଆନନ୍ଦ

(C) ବ୍ରହ୍ମ + ଅନନ୍ଦ

(D) ବ୍ରହ୍ମା + ଅନନ୍ଦ

40) ''ଆମଦାନି''ର ବିପରୀତ ଶବ୍ଦ କ'ଣ ?

(A) ଦେବା

(B) ନେବା

(C) ରପ୍ତାନି

(D) ବିକିବା

41) ''କର୍ତ୍ତବ୍ୟ''ରେ ପ୍ରକୃତି ପ୍ରତ୍ୟୟ ଲେଖ ।

(A) ୟ

(B) ତବ୍ୟ

(C) ଇୟ

(D) ଆନୀୟ

42) ''ଶସ୍ୟଶ୍ୟାମଳା'' ପଦ ଯୋଡ଼ିଲେଖ ।

(A) ମେଘ

(B) ଧରଣୀ

(C) ଜୀବ

(D) ପ୍ରାସାଦ

43) ''ଶକତି''ର ଗଦ୍ୟରୂପ ଲେଖ ।

(A) ଶକ୍ତି (B) ଶକ୍ତୀ

(C) ସକ୍ତି (D) ଷକ୍ତି

44) ''ବଙ୍ଗଳାଶ୍ରୀ'' ଛନ୍ଦର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ?

(A) 12 (B) 20

(C) 9 (D) 11

45) ''ଧୀରପାଣି ପଥର କାଟେ'' ଲୋକବାଣୀର ଅର୍ଥ କ'ଣ ?

(A) ବୃଥା ପରିଶ୍ରମ କରିବା ।

(B) ଆଳସ୍ୟ ସର୍ବନାଶ କରେ ।

(C) ଅସମ୍ଭବ କଥା କହିବା ।

(D) ଧୀରସ୍ଥିର ଭାବେ କାମ କଲେ ସଫଳ ହୁଏ ।

46) ''ମୁଣ୍ଡର ଝାଳ ତୁଣ୍ଡରେ ମାରିବା'' ରୁଢ଼ିର ଅର୍ଥ କ'ଣ ?

(A) ଶୋଷ ହେଲେ ଝାଳ ପିଇବା ।

(B) ଶୋଷ ହେଲେ ଝାଳକୁ ପାଟିରେ ପକାଇବା ।

(C) କଠିନ ପରିଶ୍ରମ କରି ପେଟ ପୋଷିବା ।

(D) ବିବାହ ହେବା ।

47) ଶୁଦ୍ଧ ପଦ ଲେଖ ।

(A) ସୁଶ୍ରୂଷା

(B) ଶୁଶ୍ରୂଷା

(C) ଶୁଶ୍ରୁଷା

(D) ଷୁଷ୍ରୁସା

48) ''ଜିଗୀଷା''ରେ ଅକ୍ଷର ସଂଖ୍ୟା କେତେ ?

(A) 3

(B) 6

(C) 8

(D) 5

49) ''ଲଙ୍କାରେ ପୁଣି ହରି ଶବ୍ଦ !'' ଏହା କେଉଁ ପ୍ରକାରର ବାକ୍ୟ ?

(A) ପ୍ରଶ୍ନସୂଚକ

(B) ବିବୃତିସୂଚକ

(C) ବିସ୍ମୟସୂଚକ

(D) ଜଟିଳ ବାକ୍ୟ

50) ''ମାଆଙ୍କର ରନ୍ଧା ଚାଲିଛି ।'' କେଉଁ ବାଚ୍ୟ ?

(A) କର୍ତ୍ତୃ ବାଚ୍ୟ

(B) କର୍ମ ବାଚ୍ୟ

(C) ଭାବ ବାଚ୍ୟ

(D) ବିଶେଷଣ ବାଚ୍ୟ

# 09 (O)

**(MARCH, 2019)**

## (Part - B)

*Time : 2 Hours]* *[Maximum Marks : 50*

ସୂଚନା :

1) ଏହି ପ୍ରଶ୍ନପତ୍ରରେ ମୋଟ ୪ ଟି ବିଭାଗ ରହିଛି ।

2) ସମସ୍ତ ପ୍ରଶ୍ନର ଉତ୍ତର ଲେଖିବା ବାଧ୍ୟତାମୂଳକ ।

3) ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖିବ ।

4) ପ୍ରତ୍ୟେକ ପ୍ରଶ୍ନର ଦକ୍ଷିଣ ପାର୍ଶ୍ୱରେ ମୂଲ୍ୟାଙ୍କନ କରାଯାଇଛି ।

5) ପ୍ରତ୍ୟେକ ବିଭାଗର ଉତ୍ତର ନୂତନ ପୃଷ୍ଠାରେ ଲେଖିବ ।

### ବିଭାଗ - କ

1) ନିମ୍ନଲିଖିତ ମଧ୍ୟରୁ ଯେ କୌଣସି ୧ଟି ଉତ୍ତର ୧୦୦ଟି ଶବ୍ଦରେ ଲେଖ । [5]

କ) ''ଚିଲିକାରେ ସାୟନ୍ତନ'' କବିତା ଆଧାରରେ ମୀନଜୀବୀମାନଙ୍କର ଭାବାବେଗ ବର୍ଣ୍ଣନା କର ।

ଖ) ଲଙ୍କା ଯାତ୍ରା ନିମନ୍ତେ ରାଘବଙ୍କ ପ୍ରୟାସ ବର୍ଣ୍ଣନା କର ।

ଗ) ଦୁର୍ଯ୍ୟୋଧନ ଗୁରୁପୁତ୍ର ଅଶ୍ୱତ୍ଥାମାଙ୍କୁ ଭର୍ତ୍ସନା କରିବାର କାରଣ ବର୍ଣ୍ଣନା କର ।

2) ସପ୍ରସଙ୍ଗ ସରଳାର୍ଥ ଲେଖ । (୧ଟି ର) [4]

କ) ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ ଯୋଗୁଁ ଏକା ପରଶଂସାରେ

ଖ) ମରଣ ଦୁଆରେ ଚରଣ ଅରପି
ଗାଅରେ ଅମର ଗାନ,
ପୋଛି ଦିଅ ଆଜି ମାନବ ଶିରସୁଁ
ସଂଚିତ ଅପମାନ ।

ଗ) ତୋର ମୁକତିରେ ମୋର ମୁକତି ମା
ତୋର ହସେ ମୋର ହସ
ତୋହରି ତେ ଅନ୍ତର ଆଦେଶେ ଚଳେ ମୁଁ
ଘୋଷି ତୋର ମହାଯଶ ।

3) ଯେ କୌଣସି ୨ଟି ୨୦ଟି ଶବ୍ଦ ଲେଖାଏଁ ଲେଖ । [2]

କ) ମାଟିର ମା' ଆମ ଦୋଷକୁ କାହିଁକି କ୍ଷମା କରିଛି ?

ଖ) ସୀତା ଉଷାଙ୍କ ପଦ ବନ୍ଦନା କରି କ'ଣ କହିଲେ ?

ଗ) ରାବଣ ବିଭୀଷଣ ନିକଟକୁ କାହାଦ୍ୱାରା ଏବଂ କେଉଁ ବାର୍ତ୍ତା ପଠାଇଥିଲା ?

## ବିଭାଗ - ଖ

4) ଯେ କୌଣସି ୧ଟି ର ଉତ୍ତର ୧୦୦ଟି ଶବ୍ଦରେ ଲେଖ । [5]

କ) ବିବେକାନନ୍ଦଙ୍କର ଭାରତ ପରିଭ୍ରମଣର ଉଦ୍ଦେଶ୍ୟ ଓ ପରିଣତି ଆଲୋଚ଼ନା କର ।

ଖ) ଜନତାର ସାମୁହିକ ଶିକ୍ଷାପାଇଁ ମାତୃଭାଷା ହିଁ ପ୍ରକୃତ ମାଧ୍ୟମ - ଉକ୍ତିଟିର ସତ୍ୟତା ପ୍ରତିପାଦନ କର ।

ଗ) ସଭ୍ୟତାର ବିକାଶରେ ବିଜ୍ଞାନର ଥିବା ଅବଦାନ ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚ଼ନା କର ।

5) ସପ୍ରସଙ୍ଗ ସରଳାର୍ଥ ଲେଖ । (୧ଟି ର) [4]

କ) ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରି ମୁଁ ଭାସି ଚାଲିଛି ।

ଖ) ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ ।

ଗ) ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ।

6) ଯେ କୌଣସି ୧ଟି ର ଉତ୍ତର ୨୦ ଟି ଶବ୍ଦରେ ଲେଖ । [2]

କ) ସମାଧିରେ ବୁଡ଼ି ନ ଯିବା ପାଇଁ ରାମକୃଷ୍ଣ ନରେନ୍‌ଙ୍କୁ କାହିଁକି କହିଥିଲେ ?

ଖ) ଓଡ଼ିଆ ସାହିତ୍ୟର ଇସିହାସ - କେଉଁ କେଉଁ ସାହିତ୍ୟ ଗବେଷକ ଲେଖିଅଛନ୍ତି ?

ଗ) ଶିକ୍ଷିତ ଲୋକେ ପଲ୍ଲୀର କର୍ମ ଯୋଜନାରେ - ଅଂଶ ଗ୍ରହଣ ନ କରିପାରିବାର କାରଣ କ'ଣ ?

## ବିଭାଗ - ଗ

7) ଯେ କୌଣସି ୨ଟି ର ଉତ୍ତର ୨୫ଟି ଶବ୍ଦ ଲେଖାଏଁ ଲେଖ । [4]

କ) ସକାଳ ପରିବେଶକୁ ଗାଳ୍ପିକ କିଭଳି ବର୍ଣ୍ଣନା କରିଛନ୍ତି ?

ଖ) ରାଜନୀତିରେ ବ୍ରହ୍ମାସ୍ତ୍ର ହେଉଛି ଷଡ଼ଯନ୍ତ୍ର - ଏକଥା କାହିଁକି କୁହାଯାଇଛି ?

ଗ) ଆଜିକାଲି କେଉଁମାନେ ଏକ ଘରକିଆ, ବ୍ୟକ୍ତିନିଷ୍ଠ ଏବଂ ସ୍ୱାର୍ଥପର ହୋଇଯାଉଛନ୍ତି ?

8) ଯେ କୌଣସି ୧ଟି ର ଉତ୍ତର ୨୫ଟି ଶବ୍ଦରେ ଲେଖ । [2]

କ) ଆଗନ୍ତୁକ ଧରମା ମାଆଙ୍କୁ କି ଖବର ଦେଲା ?

ଖ) ଶଚ୍ୀଦେବୀ ଦେବଗଣଙ୍କୁ କ'ଣ କହିଥିଲେ ?

9) ଯେ କୌଣସି ୧ଟି ର ଭାବ ସଂପ୍ରସାରଣ କର । [4]

କ) ଈଶ୍ୱରଙ୍କ ଅଦାଲତରେ ସମସ୍ତେ ସମାନ ।

ଖ) ଆମେ ହୁଏତ ପୋଲିସ୍‌କୁ ଠକି ଦେଇ ପାରିବା, କିନ୍ତୁ ଈଶ୍ୱରଙ୍କୁ ଠକି ପାରିବା ନାହିଁ ।

ଗ) ନିଜ ଆଖି ବଡ଼ ସାଖି ।

10) ଯେ କୌଣସି ୧ଟି ର ଭାବାର୍ଥ ଲେଖ । [4]

କ) ନାରୀର ମଙ୍ଗଳେ ନରର ମଙ୍ଗଳ

ନାରୀ ଦୁଃଖେ ଦୁଃଖି ନର

ରମଣୀ ପତନେ ପୁରୁଷ ପତନ

ବିଧାନ ବିଧାତାଙ୍କର ।

ଖ) ଦୁର୍ଜନ ସଙ୍ଗେ କଲେ ବାସ,

ନିଶ୍ଚୟ ହୁଏ ସର୍ବନାସ ।

ଗ) ଯା'ର ମନ ଯେଡ଼େ,

ତା'ର ପ୍ରଭୁ ସେଡ଼େ ।

## ବିଭାଗ - ଘ

11) ଯେ କୌଣସି ୧ଟି ର ପ୍ରବନ୍ଧ ପ୍ରାୟ ୧୫୦ଟି ଶବ୍ଦରେ ଲେଖ । [8]

କ) ବର୍ଷାକାଳୀନ ପଲ୍ଲୀର ଦୃଶ୍ୟ ।

ସୂଚନା:- (୧) ଉପକ୍ରମ (୨) ପଲ୍ଲୀର ଦୃଶ୍ୟ (୩) ପର୍ବପର୍ବାଣୀ (୪) ଉପକାର (୫) ଅପକାର (୬) ଉପସଂହାର ।

ଖ) ଯୌତୁକ ପ୍ରଥା ।

ସୂଚନା:- (୧) ଉପକ୍ରମ (୨) ସମସ୍ୟା (୩) ସରକାରଙ୍କ ଅବଦାନ (୪) ଛାତ୍ରସମାଜର ଅବଦାନ (୫) ଉପସଂହାର ।

ଗ) ବେକାରୀ ସମସ୍ୟା ।

ସୂଚନା:- (୧) ଉପକ୍ରମ (୨) ଦେଶର ପ୍ରଗତିରେ ଅବରୋଧ (୩) ସରକାରଙ୍କ ସହାନୁଭୂତି (୪) ଉପସଂହାର ।

ଘ) ଯଦି ମୁଁ ଭାରତର ପ୍ରଧାନମନ୍ତ୍ରୀ ହୋଇଥା'ନ୍ତି ।

ସୂଚନା:- (୧) ଉପକ୍ରମ (୨) କାର୍ଯ୍ୟ (୩) ମାଓବାଦୀ ନିବାରଣ (୪) ଅନ୍ୟଦେଶ ସହ ସୁସମ୍ପର୍କ (୫) ଉପସଂହାର ।

12) ଯେ କୌଣସି ୧ଟିର ପତ୍ର/ଦରଖାସ୍ତ ଲେଖ । [6]

କ) ଗ୍ରୀଷ୍ମଛୁଟି କିପରି କଟାଇବ, ସାଙ୍ଗ ନିକଟଙ୍କୁ ଏକ ପତ୍ର ଲେଖ ।

ଖ) ତୁମ ଅଞ୍ଚଳରେ ପାନୀୟ ଜଳର ଯୋଗାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ନିକଟଙ୍କୁ ଏକ ଆବେଦନ ପତ୍ର ଲେଖ ।

ଗ) ତୁମ ପଢ଼ାପଢ଼ିରେ ହେଉଥିବା ଖର୍ଚ୍ଚ ପାଇଁ ବାପାଙ୍କ ନିକଟଙ୍କୁ ଏକ ପତ୍ର ଲେଖ ।

ଘ) ତୁମ ଅଞ୍ଚଳର ବାରମ୍ବାର ବିଦ୍ୟୁତ୍‌କାଟର ପ୍ରତିରୋଧ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ନିକଟଙ୍କୁ ଏକ ଆବେଦନ ପତ୍ର ଲେଖ ।

✵ ✵ ✵ ✵ ✵